# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 18th October - 2025

**********************************

*Desk*

# ନୂଆପଡା ଉପନିର୍ବାଚନ

ନୂଆପଡା ଉପନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି, ଆଇନ୍‌ଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ତରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅବାଧ, ନିରପେକ୍ଷ ଓ ଭୟମୁକ୍ତ ନିର୍ବାଚନ ପାଇଁ  ପ୍ରଶାସନ ଓ ପୁଲିସ୍ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଭିଯୋଗଗୁଡ଼ିକ ତତ୍କାଳ ସମାଧାନ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସୂଚନା ଅନୁସାରେ, ବି.ଜେ.ପି. ପ୍ରାର୍ଥୀ ଜୟ ଢୋଲକିଆ ଆଜି ପ୍ରାର୍ଥୀପତ୍ର ଦାଖଲ କରିବେ । ଆସନ୍ତା ସୋମବାର ଦିନ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ । ବି.ଜେ.ପି., ବି.ଜେ.ଡି. ଏବଂ କଂଗ୍ରେସ ପକ୍ଷରୁ ୪୦ ଜଣ ଲେଖାଏଁ ତାରକା ପ୍ରଚାରକ ତାଲିକା ପ୍ରକାଶ ପାଇଛି  ।

*IPR*

# ଉନ୍ନୟନ ଯୋଜନା ସମୀକ୍ଷା

ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ଆଭାସୀ ମାଧ୍ୟମରେ ବିଭିନ୍ନ ବିଭାଗଦ୍ୱାରା କାର୍ଯ୍ୟକାରୀ ହେଉଥିବା ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ପ୍ରସଙ୍ଗରେ ଜିଲ୍ଲାପାଳମାନଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ଏଥିରେ ବିଭିନ୍ନ ଜିଲ୍ଲାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ଭିତ୍ତିଭୂମି ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯିବା ସହ ସେଠାରେ ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳର ଉପଲବ୍ଧତା, ଶୌଚାଳୟ ଏବଂ ରୋଷଇଘର ଆଦି ସୁବିଧା ବ୍ୟବସ୍ଥା କରିବାକୁ ଶ୍ରୀମତୀ ଗର୍ଗ ଗୁରୁତ୍ୱ ପ୍ରଦାନ କରିଥିଲେ । ବୈଠକରେ ବିଧାୟକ ସ୍ଥାନୀୟ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ତଥା ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।

*BBSR/R*

# ପରିବହନ ସଚିବ

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟ ପରିବହନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ପରିଦର୍ଶନ କରି ବିଭାଗର ବିଭିନ୍ନ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି । ରାଜ୍ୟରେ ଇ-ଚାଲାଣ ମାଧ୍ୟମରେ

ଏକକାଳୀନ ଦେୟପାଇଁ ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ପରିବହନ ବିଭାଗରେ ସାଧାରଣ ଲୋକଙ୍କୁ ଯେପରି ଉନ୍ନତ ସେବା ପ୍ରଦାନ କରାଯାଇପାରିବ ତଥା ପ୍ରଯୁକ୍ତିବିଦ୍ୟାର ଯେପରି ସୁବିଧାରେ ଲାଭ ଉଠାଯାଇପାରିବ, ସେ ସମ୍ପର୍କରେ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କ ପରାମର୍ଶ ଦେଇଥିଲେ । ନିରାପଦ ରାସ୍ତା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଅଧିକାରୀମାନଙ୍କୁ ଗୁରୁତ୍ୱ ପ୍ରଦାନ କରିବାକୁ କହିଥିଲେ ।

***Kandhamal/R***

# କୃଷି ଓ କୃଷକ ବିଭାଗ ସଚିବ

କୃଷି ଓ କୃଷକ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦା ଦୁଇଦିନିଆ ଆକାଂକ୍ଷୀ କନ୍ଧମାଳ ଜିଲ୍ଲା ପରିଦର୍ଶନରେ ଯାଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି । ଜିଲ୍ଲାରେ ନୂତନ ଭାବେ ଆରମ୍ଭ ହୋଇଥିବା ମେଡିକାଲ୍ କଲେଜ, ଇ-ଲାଇବ୍ରେରୀ, ସିଭିଲ୍ ସର୍ଭିସ୍ କୋଚିଂ ସେଣ୍ଟର, ଜିଲ୍ଲା ତାଲିମ ଶିକ୍ଷ କେନ୍ଦ୍ର, ହାଟପଦାରେ ଥିବା ଖାଦ୍ୟ ପ୍ରସ୍ତୁତି କେନ୍ଦ୍ର, ଫିରିଙ୍ଗିଆ ବ୍ଲକ୍‌ର ଅଙ୍ଗନୱାଡ଼ି କେନ୍ଦ୍ର ଆଦି ପରିଦର୍ଶନ କରିଥିଲେ । ସରକାରୀ ଯୋଜନାଗୁଡ଼ିକର କିପରି ସଫଳ ରୂପାୟନ କରାଯାଇ ଆଦିବାସୀମାନଙ୍କର ଉନ୍ନତି କରାଯାଇପାରିବ, ସେଦିଗରେ ତତ୍ପରତା ପ୍ରକାଶ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ ।

***Keonjhar/R***

# ଧରତୀ ଆବା ସମ୍ମାନ

ଧରତୀ ଆବା ଜନ ଭାଗିଦାରୀ ଅଧୀନରେ ଉଲ୍ଲେଖନୀୟ ପ୍ରଦର୍ଶନପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ବିଭାଗୀୟ ସଚିବ ବିଭୁ ନାୟାର୍’ କେନ୍ଦୁଝର ଜିଲ୍ଲାପାଳ ବିଶାଲ୍ ସିଂହଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଅନ୍ତର୍ଭୁକ୍ତୀକରଣ ଶାସନର ଦୃଷ୍ଟିକୋଣ ସହିତ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳକୁ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବାରେ କେନ୍ଦୁଝର ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି । ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ଏହା ପ୍ରମାଣ ବୋଲି କେନ୍ଦୁଝର ଜିଲ୍ଲାପାଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

***Desk***

# ବୈଷ୍ଣୋଦେବୀ - ଦୁର୍ଘଟଣା

ଜମ୍ମୁ-କାଶ୍ମୀର ସ୍ଥିତ ମା’ ବୈଷ୍ଣୋଦେବୀଙ୍କ ଦର୍ଶନରେ ଯାଇ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଓଡ଼ିଆ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା

ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ମୃତକମାନଙ୍କ ମରଶରୀରକୁ ଓଡ଼ିଶା ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ, ଜମ୍ମୁ-କାଶ୍ମୀରର କାତ୍ରାଠାରେ ସଡକ ଦୁର୍ଘଟଣାରେ ସୁବର୍ଣ୍ଣପୁର ଜିଲ୍ଲାର ୪ ଜଣ ତୀର୍ଥଯାତ୍ରୀ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ।

***Baragarh/R***

# ଧନୁଯାତ୍ରା

୭୮ତମ ବରଗଡ଼ ଧନୁଯାତ୍ରା ମହୋତ୍ସବର ବିଭିନ୍ନ କଳାକାର ଚୟନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି । ଧନୁଯାତ୍ରା ମହୋତ୍ସବ କମିଟିର ନିଷ୍ପତ୍ତିକ୍ରମେ ମଥୁରା ନଗରୀର ମହାରାଜା କଂସ, ମହାମନ୍ତ୍ରୀ, ଉଗ୍ରସେନ, ବାସୁଦେବ, ଦେବକୀ ଏବଂ ନାରଦ ଆଦି ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛୁକ କଳାକାରମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଇଛି । ଆଜିଠାରୁ ଆସନ୍ତାମାସ ପହିଲା ପର୍ଯ୍ୟନ୍ତ ଇଚ୍ଛୁକ ପ୍ରାର୍ଥୀମାନେ ଆବେଦନ କରିପାରିବେ । ସୂଚନାଯୋଗ୍ୟ, ଆସନ୍ତା ଡିସେମ୍ବର ୨୪ ତାରିଖରୁ ଜାନୁୟାରୀ ୩ ତାରିଖ ପର୍ଯ୍ୟନ୍ତ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

*Desk*

# ଦୀପାବଳି ଛୁଟି ଘୋଷଣା

ଆସନ୍ତା ୨୧ ତାରିଖ ମଙ୍ଗଳବାର ପରିବର୍ତ୍ତେ ୨୦ ତାରିଖ ସୋମବାରକୁ ଦୀପାବଳିପାଇଁ ସରକାରୀ ଛୁଟି ଘୋଷଣା କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ସରକାରଙ୍କ ଅନୁମୋଦନପାଇଁ ପଠାଯାଇଛି । ସରକାରଙ୍କ ଅନୁମୋଦନ ପରେ ଆସନ୍ତା ୨୦ ତାରିଖ ସୋମବାରକୁ ଦୀପାବଳି ଛୁଟି ଭାବେ ଘୋଷଣା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

*Nabarangpur/R*

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଛି । ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୧୪୦ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଅବସରରେ ୮ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ସ୍ଥାନୀୟ ବି.ଡି.ଓ. ଉପସ୍ଥିତ ଥିଲେ ।

*Malkangiri/R*

# ତମାଖୁ ମୁକ୍ତ ଅଭିଯାନ

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତମାଖୁ ମୁକ୍ତ ଯୁବ ଅଭିଯାନ-୩ର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ତଥା ତମାଖୁ ମୁକ୍ତ ଗ୍ରାମ ଗଠନପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜନସଚେତନତା ସୃଷ୍ଟି କରବାକୁ ପରାମର୍ଶ ଦେଇଛନ୍ତି ।

*****